## ସଂକ୍ଷେପରେ

### ଜଙ୍ଗଲ, ବନ୍ୟଜନ୍ତୁ ସମ୍ପର୍କିତ ସଚେତନତା

**ପରଜଙ୍ଗ, ୫।୪(ଡି.ଏନ.ଏ.):** ଢେଙ୍କାନାଳ ଜିଲା କାନପୁରା ପଞ୍ଚାୟତ ଗୁଣ୍ଡିଚାନାଳି ମାଝି ସାହିରେ 'ଯୁବଶକ୍ତି'ର ଅଧକ୍ଷ ହିମାଂଶୁ ଭୂଷଣ ବାରିକଙ୍କ ନେତୃତ୍ୱରେ ସଚେତନତା କାର୍ଯ୍ୟକ୍ରମ 'ଆମ ଜଙ୍ଗଲ, ଆମ ବନ୍ୟଜନ୍ତୁ, ଆମ ସୁରକ୍ଷା' ଅନୁଷ୍ଠିତ ହୋଇଯାଇଛି। ବର୍ତ୍ତମାନ ଗ୍ରୀଷ୍ମ ପ୍ରବାହ ଜାରି ରହିଥିବାବେଳେ କେତେଜଣ ଅସାମାଜିକ ବ୍ୟକ୍ତି ଜଙ୍ଗଲରେ ନିଆଁ ଲଗାଇ ଦେଉଛନ୍ତି। ଏହାର ପ୍ରତିକୂଳ ପ୍ରଭାବ ବନ୍ୟଜୀବନ ଉପରେ ପଡୁଛି। ତେଣୁ ଜଙ୍ଗଲ ସୁରକ୍ଷା କ୍ଷେତ୍ରରେ ସମସ୍ତେ ସଚେତନ ହେବା ପାଇଁ ସେ ସାହିବାସୀଙ୍କୁ ନିବେଦନ କରିଛନ୍ତି। ସେହିପରି ମାଝି ସାହି-କାନପୁରା ମଧ ଭାଗରେ ଥିବା ରାମିଆଳ ନାଳ ଲୋକଙ୍କ ଯାତାୟାତରେ ପ୍ରତିବନ୍ଧକ ସୃଷ୍ଟି କରୁଛି। ସମସ୍ୟାର ସମାଧାନ ପାଇଁ ଉକ୍ତ ନାଳ ଉପରେ ଏକ ପୋଲ ନିର୍ମାଣ କରିବା ଲାଗି ହିମାଂଶୁ ଜିଲା ପ୍ରଶାସନ ଏବଂ ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି।

### ରାମଚରିତ ମାନସ ପାରାୟଣ ମହାଯଜ୍ଞ

**ଢେଙ୍କାନାଳ ଅଫିସ, ୫।୪:** ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ ଇନ୍ଦିପୁର ବସ୍‌ଷ୍ଟାଣ୍ଡ ଯାତ୍ରାମଣ୍ଡପରେ ୨ ତାରିଖରୁ ଆରମ୍ଭ ହୋଇଛି ରାମଚରିତ ନବାହ୍ନ ପାରାୟଣ ମହାଯଜ୍ଞ। ଏହା ଆସନ୍ତା ୧୦ ତାରିଖ ପର୍ଯ୍ୟନ୍ତ ଚାଲିବ। ଏହି ଉପଲକ୍ଷେ ପ୍ରତ୍ୟେହ ସକାଳ ୭ଟାରୁ ସୂର୍ଯ୍ୟପୂଜା, ଗୋପୂଜା, ରୁଦ୍ରାଭିଷେକ, ଗୀତାପାଠ, ବିଷ୍ଣୁ ସହସ୍ରନାମ ପାଠ, ଶ୍ରୀରାମାର୍ଚ୍ଚନ ବିଧି ଅନୁଯାୟୀ ହେଉଛି। ଅପରାହ୍ନ ୧ଟାରେ ଯଜ୍ଞ, ସନ୍ଧ୍ୟାରେ ଆଳତି, ରାତି ସାଢ଼େ ୭ଟାରୁ ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ଆଚାର୍ଯ୍ୟ ସୁଶାନ୍ତ କୁମାର ରଥଶର୍ମା, ପ୍ରତାପ କିଶୋର ନନ୍ଦ, ବିଜୟ ରାଘବେନ୍ଦ୍ର ଦାସ ମହାରାଜ, ଭରତ ଚନ୍ଦ୍ର ନାୟକ, ଗୀତାଞ୍ଜଳି ଜେନା ବକ୍ତା ଭାବେ ଯୋଗଦେଇଛନ୍ତି। ପଣ୍ଡିତ ଧୀରେନ୍ଦ୍ର କୁମାର ପତିଶର୍ମା ବ୍ୟାସ ସ୍ଥାନରେ ଅଳଙ୍କୃତ ହୋଇଛନ୍ତି। ପାରାୟଣ ଶୁଣିବାକୁ ଆଖପାଖ ଅଞ୍ଚଳର ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହେଉଛି। ସେମାନଙ୍କ ଲାଗି ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଛି। ପରିଚାଳନା କମିଟି ସଦସ୍ୟ ସମସ୍ତ କାର୍ଯ୍ୟକ୍ରମ ପରିଚାଳନା କରୁଛନ୍ତି।

### ଆମ୍ବଗଛରୁ ଝୁଲନ୍ତା ମୃତଦେହ ଜବତ

**ରାସୋଳ, ୫।୪(ଡି.ଏନ୍.ଏ.):** ଢେଙ୍କାନାଳ ଜିଲା ରାସୋଳ ଥାନା ଅନ୍ତର୍ଗତ ରୀମା ପେଟ୍ରୋଲ ପମ୍ପ ନିକଟରେ ଥିବା ଏକ ଆମ୍ବଗଛରୁ ମଙ୍ଗଳବାର ଜଣେ ବ୍ୟକ୍ତିଙ୍କ ଝୁଲନ୍ତା ମୃତଦେହକୁ ପୋଲିସ ଜବତ କରିଛି। ତାଙ୍କର ଆନୁମାନିକ ବୟସ ୪୦ବର୍ଷ ହେବ। ହେଲେ ଖବର ଲେଖାଯିବା ସୁଦ୍ଧା ତାଙ୍କର ପରିଚୟ ମିଳିପାରି ନ ଥିଲା। ଏ ନେଇ ଥାନାରେ ନଂ. ୨/୨୨ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି। ମୃତଦେହ ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଛି। ବ୍ୟବଚ୍ଛେଦ ପରେ ଶବ ସଂରକ୍ଷଣ କରି ରଖାଯିବ ବୋଲି ପୋଲିସ କହିଛି। ତେବେ ସମ୍ପୃକ୍ତ ବ୍ୟକ୍ତି ଏଭଳି ମୃତ୍ୟୁକୁ ନେଇ ଅଞ୍ଚଳରେ ନାନା କଳ୍ପନା ଜଳ୍ପନା ପ୍ରକାଶ ପାଇଛି। ବ୍ୟବଚ୍ଛେଦ ରିପୋର୍ଟରୁ ଏହାର କାରଣ ସ୍ପଷ୍ଟ ହେବ ବୋଲି ପୋଲିସ କହିଛି।

### କ୍ଲଷ୍ଟରସ୍ତରୀୟ ବିଜ୍ଞାନମେଳା ପ୍ରଦର୍ଶନୀ



**ଭୁବନ, ୫।୪(ଡି.ଏନ.ଏ.)** ଢେଙ୍କାନାଳ ଜିଲା ଭୁବନ ଏନ୍‌ଏସି ପକ୍ଷରୁ ସୋମବାର ବଡ଼ହାଟ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ କ୍ଲଷ୍ଟରସ୍ତରୀୟ ବିଜ୍ଞାନମେଳା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ବ୍ଲକ ଶିକ୍ଷା ଅଧିକାରୀ ପ୍ରତାପ କୁମାର ଶତପଥୀ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଅତିଥି ଭାବେ ସିଆରସିସି ଶତ୍ରୁଘ୍ନ ପାତ୍ର, ପ୍ରଧାନ ଶିକ୍ଷକ ନରୋତ୍ତମ ମିଶ୍ର ଯୋଗ ଦେଇଥିଲେ। ଏନ୍‌ଏସି ଅନ୍ତର୍ଗତ ୬ଟି ବିଦ୍ୟାଳୟର ଛାତ୍ରୀଛାତ୍ର ଏଥିରେ ଅଂଶଗ୍ରହଣ କରି ନିଜର ହାତ ତିଆରି ପ୍ରକଳ୍ପ ପ୍ରଦର୍ଶନ କରିଥିଲେ। ଶିକ୍ଷକ ରାଜେଶ ସ୍ୱାଇଁ, ଶିକ୍ଷୟିତ୍ରୀ ମନିତା ସାହୁ, ଜୟଶ୍ରୀ ସାହୁ ବିଚାରକ ଭାବେ ପ୍ରକଳ୍ପଗୁଡ଼ିକର ମୂଲ୍ୟାୟନ କରିଥିଲେ। ଭୁବନ ହାଇସ୍କୁଲର ୮ମ ଶ୍ରେଣୀ ଛାତ୍ର ଶୁଭମ୍ ସାହୁଙ୍କ ପ୍ରକଳ୍ପ ବ୍ଲକସ୍ତରୀୟ ବିଜ୍ଞାନମେଳା ପାଇଁ ଚୟନ ହୋଇଛି। ବୁଧବାର ବ୍ଲକସ୍ତରୀୟ ବିଜ୍ଞାନମେଳା ଭୁବନ ସରକାରୀ ହାଇସ୍କୁଲରେ ଅନୁଷ୍ଠିତ ହେବ। ଏଥିରେ କ୍ଲଷ୍ଟରସ୍ତରରୁ ଚୟନ ହୋଇ ଆସିଥିବା ପ୍ରକଳ୍ପଗୁଡ଼ିକ ସ୍ଥାନ ପାଇବ ବୋଲି ବ୍ଲକ ଶିକ୍ଷାଧିକାରୀ ସୂଚନା ଦେଇଛନ୍ତି।

# ଧରାପଡ଼ିଲା ଖୁଣ୍ଟ ଚୋରି ଗ୍ୟାଙ୍ଗ୍

■ ୬ଜଣଙ୍କୁ ମାଡ଼ିବସିଲା ପୋଲିସ

■ ୨ ଗାଡ଼ି, ଗ୍ୟାସ୍ କଟର, ସାମଗ୍ରୀ ଜବତ

**ରାସୋଳ, ୫।୪(ଡି.ଏନ୍.ଏ.)**

ବିଦ୍ୟୁତ୍ ଭିତ୍ତିଭୂମି ନିର୍ମାଣ ଦାୟିତ୍ୱରେ ଥିବା କମ୍ପାନୀ ଦିନବେଳା ଯେଉଁ ସବୁ ଖୁଣ୍ଟ ପୋତୁଥିଲା, ସେସବୁକୁ ରାତିରେ ଯୋଜନାବଦ୍ଧ ଭାବେ ଗ୍ୟାସ୍ କଟରରେ ଖଣ୍ଡ ଖଣ୍ଡ କରି କାଟି ନେଉଥିଲେ ଅଭିଯୁକ୍ତ। କେବଳ ଖୁଣ୍ଟ ଉପରେ ନଜର ଥିଲା ତାହା ନୁହେଁ, ବିଦ୍ୟୁତ୍ କେବୁଲ, ଷ୍ଟେ-ୱାୟର ମଧ ସେମାନଙ୍କ ଲୋଲୁପ ଦୃଷ୍ଟିରୁ ବାଦ୍ ପଡୁ ନ ଥିଲା। ଢେଙ୍କାନାଳ ଜିଲା ରାସୋଳ ପୋଲିସ ହାତରେ ପଡ଼ିଛନ୍ତି ଏଭଳି ଏକ ଚୋରି ଗ୍ୟାଙ୍ଗ୍‌ର ୬ଜଣ ସଦସ୍ୟ। ଗିରଫ ଅଭିଯୁକ୍ତ ହେଲେ ଓଡ଼ାପଡ଼ା ବ୍ଲକ କଣ୍ଟାବଣିଆ ଥାନା ଅଞ୍ଚଳର ପ୍ରତାପ ନାୟକ, ଅମି ନାୟକ, ଶ୍ରୀକାନ୍ତ ନାୟକ, ଟିକେଶ୍ୱର ନାୟକ, ସୁମନ୍ତ ନାୟକ ଏବଂ ଦିଲୀପ ନାୟକ। ସେମାନଙ୍କ ନିକଟରୁ ଏକ କାର୍ (ନଂ. ଓଆର୍ ୦୧ଏଲ୍ ୪୫୪୫), କଟାଯାଇଥିବା ବିଦ୍ୟୁତ୍ ତାର ଏବଂ ଖୁଣ୍ଟ ବୋଝେଇ ପିକ୍‌ଅପ୍ ଭ୍ୟାନ୍ (ନଂ. ଓଡି ୧୯ ଏନ୍ ୬୭୧୭), ଗ୍ୟାସ୍ କଟର, ସିଲିଣ୍ଡର ଜବତ କରାଯାଇଛି। ଏହି ଘଟଣା ପଛରେ କେତେଜଣ ମାଷ୍ଟରମାଇଣ୍ଡ୍ ଅଛନ୍ତି। ସେମାନଙ୍କୁ ଧରିବା ଲାଗି ପୋଲିସ ଉଦ୍ୟମ ଆରମ୍ଭ କରିଛି।

ପୋଲିସ ସୂଚନା ଅନୁଯାୟୀ, ଗୁପ୍ତା ପାୱାର ଇନ୍‌ଫ୍ରାଷ୍ଟ୍ରକ୍‌ଚର ନାମକ ଏକ ଠିକାସଂସ୍ଥା ଓପିଟିସିଏଲ୍ ବିଦ୍ୟୁତ୍ ଭିତ୍ତିଭୂମି ନିର୍ମାଣ ଦାୟିତ୍ୱ ନେଇଛି। ଉକ୍ତ କମ୍ପାନୀ ହିନ୍ଦୋଳ ବ୍ଲକର ବାବନ୍ଧରୁ ହିନ୍ଦୋଳ ରୋଡ୍ ପର୍ଯ୍ୟନ୍ତ ବିଦ୍ୟୁତ୍ ସଂଯୋଗୀକରଣ କାର୍ଯ୍ୟ କରୁଛି। ଗତ ସୋମବାର ବିଳମ୍ବିତ ରାତିରେ କେତେଜଣ ଅଭିଯୁକ୍ତ ଗ୍ୟାସ୍ କଟର ସହାୟତାରେ ଲୁହା ଖୁଣ୍ଟ କାଟୁଥିବା କମ୍ପାନୀର କେତେଜଣ କର୍ମଚାରୀ ଦେଖି ପ୍ରତିବାଦ କରିଥିଲେ। ତେବେ ଅଭିଯୁକ୍ତମାନେ ସେମାନଙ୍କୁ ଭୟଭୀତ କରାଇ ଫେରାର ହୋଇଯିବାରେ ସକ୍ଷମ ହୋଇଥିଲେ। ସମ୍ପୃକ୍ତ କର୍ମଚାରୀ ଉପସ୍ଥିତ ବୁଦ୍ଧି ଖଟାଇ ଘଟଣା ସମ୍ପର୍କରେ ରାସୋଳ ଥାନାକୁ ସୂଚନା ଦେଇଥିଲେ। ଥାନାଧିକାରୀ ବିଜୟ କୁମାର ହାଇବ୍ରୁଙ୍କ ନିର୍ଦ୍ଦେଶରେ ସବ୍‌ଇନ୍ସପେକ୍ଟର ପି.ଏ. ଖାନ୍ ସଦଳବଳ ଘଟଣାସ୍ଥଳରେ ପହଞ୍ଚିଥିଲେ। ଅଭିଯୁକ୍ତଙ୍କୁ ଧରିବା ଲାଗି ବ୍ଲୁପ୍ରିଣ୍ଟ ପ୍ରସ୍ତୁତ କରାଯାଇଥିବାବେଳେ ମୋଟଙ୍ଗା ଥାନା ଏବଂ ହିନ୍ଦୋଳ ରୋଡ୍ ଫାଣ୍ଡି ପୋଲିସକୁ ବିଭିନ୍ନ ସ୍ଥାନରେ ନାକାବନ୍ଦୀ କରିବାକୁ କୁହାଯାଇଥିଲା। ରାସ୍ତାରେ ଜଗିଥିବା ପୋଲିସ ଅଧିକାରୀଙ୍କୁ ଦେଖି ଗାଡ଼ିରେ ଆସୁଥିବା ଅଭିଯୁକ୍ତ ହଡ଼ବଡ଼େଇ ଯାଇଥିଲେ। ଫଳରେ ବହଣ୍ଡେଇ ନିକଟରେ ପିକ୍‌ଅପ୍ ଭ୍ୟାନ୍ ଭାରସାମ୍ୟ ହରାଇ ରାସ୍ତା କଡ଼କୁ ଖସିପଡ଼ିଥିଲା। ଅଭିଯୁକ୍ତମାନେ ଜଙ୍ଗଲିଆ ରାସ୍ତାରେ ଚମ୍ପଟ ମାରିବାକୁ ଉଦ୍ୟମ କରୁଥିବାବେଳେ ପୋଲିସ ଗୋଡ଼ାଇ ଗୋଡ଼ାଇ ସେମାନଙ୍କୁ କାବୁ କରିଥିଲା। ତେବେ ଏଭଳି ର୍‍ୟାକେଟ୍ ପଛରେ କେବଳ ଯେ ବାହାର ଲୋକଙ୍କ ସମ୍ପୃକ୍ତି ରହିଛି, ତାହାକୁ ସାଧାରଣ ଲୋକେ ସହଜରେ ଗ୍ରହଣ କରିପାରୁନାହାନ୍ତି। କମ୍ପାନୀର କେତେଜଣ କ୍ଷେତ୍ରସ୍ତରୀୟ କର୍ମଚାରୀଙ୍କ ଏଥିରେ ହାତ ଥିବା ସେମାନେ ଅନୁମାନ କରୁଛନ୍ତି। କମ୍ପାନୀ ଏବଂ ପୋଲିସ ପକ୍ଷରୁ ମିଳିତ ତଦନ୍ତ କରାଗଲେ ପ୍ରକୃତ ରହସ୍ୟ ଉନ୍ମୋଚିତ ହେବ ବୋଲି ବୁଦ୍ଧିଜୀବୀମାନେ କହିଛନ୍ତି।

ଏ ସଂକ୍ରାନ୍ତରେ ଥାନାଧିକାରୀ କୁହନ୍ତି, ଧରାପଡ଼ିଥିବା ଅଭିଯୁକ୍ତମାନେ ଶ୍ରମିକ ଶ୍ରେଣୀର। ଏମାନଙ୍କ ପଛରେ କେହି ଜଣେ ମାଷ୍ଟରମାଇଣ୍ଡ୍ ରହିଥିବା ଅନୁମାନ କରାଯାଉଛି। ଅଭିଯୁକ୍ତଙ୍କୁ ଜେରା କରାଯାଉଛି। ସେମାନଙ୍କୁ କୋର୍ଟ ଚାଲାଣ କରାଯିବ। ପଚରାଉଚରା ପରେ ର୍‍ୟାକେଟ୍ ସମ୍ପର୍କରେ ଅନେକ ତଥ୍ୟ ପଦାକୁ ଆସିବାର ସମ୍ଭାବନା ରହିଛି ବୋଲି ଥାନାଧିକାରୀ କହିଛନ୍ତି।



ପୋଲିସ ଜବତ କରିଥିବା ଦୁଇ ଗାଡ଼ି।

### ୩ ମାସରେ ୮୦ ବିଦ୍ୟୁତ୍ ଖୁଣ୍ଟ ଗାଏବ

ଚୋରା ବଜାରରେ ବିଦ୍ୟୁତ୍ ଖୁଣ୍ଟ ଏବଂ କେବୁଲ୍ ତାର ଦାମ୍ ବେଶ୍ ଅଧିକ। ତେଣୁ ରାତିଅଧିଆ ଖୁଣ୍ଟ କାଟି ଗାଡ଼ିରେ ଚାଲାଣ କରୁଥିଲେ ଅଭିଯୁକ୍ତ। ସେସବୁକୁ କବାଡିଆଙ୍କୁ ବିକ୍ରି କରି କମାଉଥିଲେ ଲକ୍ଷାଧିକ ଟଙ୍କା। ଗୁପ୍ତା ପାୱାର ଇନ୍‌ଫ୍ରାଷ୍ଟ୍ରକ୍‌ଚରର କାମ ଆରମ୍ଭ କରିବାର ୩ ମାସ ମଧ୍ୟରେ ୮୦ରୁ ଊର୍ଦ୍ଧ୍ୱ ଖୁଣ୍ଟ, ତାର ଏବଂ ଷ୍ଟେ-ୱାୟର ଚୋରି ହୋଇଛି। ଏହାର ଆନୁମାନିକ ମୂଲ୍ୟ ୩୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ହେବ ବୋଲି କମ୍ପାନୀର ଟିମ୍ ମ୍ୟାନେଜର କ୍ଷୀରୋଦ ସାହୁ କହିଛନ୍ତି।

### ତୈଳିକ ବୈଶ୍ୟ ସମାଜର ବୈଠକ

**ଭାପୁର, ୫।୪(ଡି.ଏନ୍.ଏ.)**

ଢେଙ୍କାନାଳ ସଦର ବ୍ଲକ ମଧୁସାହୁପାଟଣା ଲକ୍ଷ୍ମୀନୃସିଂହ ସାହି ଆନୁକୂଲ୍ୟରେ ଛଦେଶ 'କ' ରାଜ୍ୟ ତୈଳିକ ବୈଶ୍ୟ ସମାଜର ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ସପ୍ତରାଜ୍ୟ ସଭାପତି ଡ. ଅନ୍ତର୍ଯ୍ୟାମୀ ସାହୁ, ସମ୍ପାଦକ ବ୍ରଜବନ୍ଧୁ ସାହୁ, ଛଦେଶ 'କ' ରାଜ୍ୟ ସଭାପତି ଚୈତନ୍ୟ ସାହୁ, ଉପସଭାପତି ସରୋଜ ମହାପାତ୍ର, ସମ୍ପାଦକ ରସାନନ୍ଦ ମହାପାତ୍ର, ସହ ସମ୍ପାଦକ ସୁଶାନ୍ତ ସାହୁ, ଛଦେଶ 'ଖ' ରାଜ୍ୟ ସଭାପତି ପ୍ରଭାକର ସାହୁ, ଉପଦେଷ୍ଟା ପ୍ରଫୁଲ୍ଲ ସାହୁ, ମଧୁବୈଶ୍ୟ ସମାଜ ସଭାପତି ବିକାଶ ସାହୁ, ରାଜକୁମାର ପ୍ରଧାନ, ପଙ୍କଜ ଲୋଚନ ସାହୁ ପ୍ରମୁଖ ଯୋଗଦେଇ ସମାଜର ସମସ୍ୟା, ପାଣ୍ଠି ପରିଚାଳନା ସମ୍ପର୍କରେ ଆଲୋଚନା କରିଥିଲେ। ସଙ୍ଗଠନର କେତେଜଣ ବ୍ୟକ୍ତିଙ୍କୁ ସ୍ୱାବଲମ୍ବୀ କରିବା ଉଦ୍ଦେଶ୍ୟରେ ସାଇକେଲ, ସିଲେଇ ମେଶିନ ସହିତ ଆର୍ଥିକ ସହାୟତା ଦିଆଯାଇଥିଲା। ମେଧାବୀ ଛାତ୍ରୀଛାତ୍ରଙ୍କୁ ସମ୍ମାନିତ କରାଯିବା ସହିତ ବୃତ୍ତି ପ୍ରଦାନ କରାଯାଇଥିଲା। ଏଥିସହ ନୂତନ କର୍ମକର୍ତ୍ତାଙ୍କୁ ସମ୍ମାନିତ କରାଯାଇଥିଲା।

# ଫ୍ଲୋରେନ୍ସିଆଙ୍କୁ କୋଚ୍ ଦାୟିତ୍ୱ

■ ଢେଙ୍କାନାଳ ହକିର ବିକାଶ ପାଇଁ ଉଦ୍ୟମ

■ ଖୋଜି ବାହାର କରାଯିବ ଦକ୍ଷ ଖେଳାଳି

■ '୫-ଟି' ଅନ୍ତର୍ଗତ ୮ ସ୍କୁଲରେ ଦିଆଯିବ ତାଲିମ

**ଢେଙ୍କାନାଳ ଅଫିସ, ୫।୪**

ଢେଙ୍କାନାଳ ହକିର ହୃତଗୌରବ ଫେରାଇ ଆଣିବାକୁ ଆରମ୍ଭ ହୋଇଛି ଉଦ୍ୟମ। ଜିଲାର ପ୍ରତିଭାବାନ୍ ହକି ଖେଳାଳିଙ୍କୁ ଚୟନ କରି ଉନ୍ନତ ପ୍ରଶିକ୍ଷଣ ପ୍ରଦାନ ପାଇଁ ରାଉରକେଲା ସ୍ପୋର୍ଟସ୍ ହଷ୍ଟେଲର ମହିଳା ହକି କୋଚ୍ ଫ୍ଲୋରେନ୍ସିଆ ଏକ୍କାଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି। ତାଙ୍କୁ ଜିଲା କ୍ରୀଡ଼ା ବିଭାଗ କାର୍ଯ୍ୟାଳୟରେ ନିଯୁକ୍ତି ପ୍ରଦାନ କରାଯାଇଥିବାବେଳେ ସେ ମଙ୍ଗଳବାର ବିଧିବଦ୍ଧ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି।

ଏକଦା ଢେଙ୍କାନାଳର ହକି କ୍ରୀଡ଼ାବିତ୍ ଜାତୀୟସ୍ତରରେ ଅର୍ଜିଥିଲେ ସୁନାମ। ଏବେ ବି ଗ୍ରାମାଞ୍ଚଳର ଯୁବପିଢ଼ିଙ୍କ ମଧ୍ୟରେ ହକିକୁ ନେଇ ରହିଛି କ୍ରେଜ୍। ତେବେ ସେମାନଙ୍କୁ ସମୟୋପଯୋଗୀ ନୂଆ ଟେକ୍‌ନିକ୍ ବିଷୟରେ ପ୍ରଶିକ୍ଷଣ ଦେବା ପାଇଁ କୋଚ୍‌ଙ୍କ ଅଭାବ ରହିଛି। ତେଣୁ ଜିଲାର ହକି ଖେଳାଳି ଆଶାଜନକ ପ୍ରଦର୍ଶନ କରିପାରୁନାହାନ୍ତି। ଜାତୀୟସ୍ତରରେ ପହଞ୍ଚିବା ଲାଗି ସେମାନଙ୍କ ସ୍ୱପ୍ନ ପୂରଣ ହୋଇପାରୁନାହିଁ। ଏହାକୁ ନେଇ କ୍ରୀଡ଼ାବିତ୍‌ମାନଙ୍କ ମଧ୍ୟରେ ଦୀର୍ଘଦିନ ଧରି ଅସନ୍ତୋଷ ଲାଗି ରହିଥିଲା। ତେବେ ଫ୍ଲୋରେନ୍ସିଆଙ୍କ ନିଯୁକ୍ତି ଢେଙ୍କାନାଳର ସୁପ୍ତ ହକିକୁ ନୂଆଜୀବନ ଦେବ ବୋଲି ଆଶା ସଞ୍ଚାର ହୋଇଛି। ଫ୍ଲୋରେନ୍ସିଆ କାର୍ଯ୍ୟରେ ଯୋଗଦେବା ପରେ ଜିଲାପାଳ ସରୋଜ କୁମାର ସେଠୀ, ଜିଲା କ୍ରୀଡ଼ା ଅଧିକାରୀ ପ୍ରଦୀପ୍ତ କୁମାର ମହାନ୍ତିଙ୍କୁ ସାକ୍ଷାତ୍ କରି ବିଭିନ୍ନ ବିଷୟରେ ଆଲୋଚନା କରିଛନ୍ତି।

ଜାତୀୟ ଓ ଅନ୍ତର୍ଜାତୀୟ ହକିର ଜଣେ ପରିଚିତ ଚେହେରା ହେଉଛନ୍ତି ମହିଳା ହକି କୋଚ୍ ଫ୍ଲୋରେନ୍ସିଆ ଏକ୍କା। ସେ ପଟିଆଲାସ୍ଥିତ ନେତାଜୀ ସୁଭାଷ ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସ୍ପୋର୍ଟସରୁ ହକି କୋଚିଂରେ ଡିପ୍ଲୋମା କରିଛନ୍ତି। ସେହିପରି ହଙ୍ଗେରୀ ବୁଦାପେଷ୍ଟରେ ଅନ୍ତର୍ଜାତୀୟ କୋଚିଂ କୋର୍ସ ମଧ କରିଛନ୍ତି। ରାଜ୍ୟ ସରକାରଙ୍କ କ୍ରୀଡ଼ା ଓ ଯୁବ ସେବା ବିଭାଗରେ ୨୦୧୨ରୁ ସେ ହକି କୋଚ୍ ଭାବେ ଦାୟିତ୍ୱ ତୁଲାଇ ଆସୁଛନ୍ତି। ନ୍ୟାଶନାଲ ହକି ଚାମ୍ପିୟନଶିପ୍‌ରେ ଓଡ଼ିଶାରୁ ପ୍ରତିନିଧିତ୍ୱ କରିଥିବା ଫ୍ଲୋରେନ୍ସିଆ ୧୬ ମେଡାଲ ଜିତିଛନ୍ତି। ତାଙ୍କ ପ୍ରଶିକ୍ଷଣରେ ଓଡ଼ିଶା ଦଳ ଜାତୀୟ ହକି ଚାମ୍ପିୟନଶିପ୍‌ରେ ୧୫ ମେଡାଲ ଆଣିଛି। ବହୁ ଜାତୀୟସ୍ତରୀୟ ହକି ଖେଳାଳିଙ୍କୁ ସୃଷ୍ଟି କରିଥିବା ଫ୍ଲୋରେନ୍ସିଆଙ୍କୁ ଢେଙ୍କାନାଳ ହକି ଦାୟିତ୍ୱ ଦିଆଯିବାକୁ ବିଭିନ୍ନ ମହଲରେ ସ୍ୱାଗତ କରାଯାଇଛି।

ଢେଙ୍କାନାଳ ସହର ସମେତ ସଦର ବ୍ଲକର ଅସନପାଟିଆ, ଜଙ୍ଗିରା ଏବଂ ନାଗିଆପଶି ଅଞ୍ଚଳରେ ଯୁବ କ୍ରୀଡ଼ାବିତ୍‌ଙ୍କ ମଧ୍ୟରେ ହକିକୁ ନେଇ ସ୍ୱତନ୍ତ୍ର ଝୁଙ୍କ୍ ରହିଛି। ଉକ୍ତ ଅଞ୍ଚଳର ୧୦୦ରୁ ଊର୍ଦ୍ଧ୍ୱ ହକି ଖେଳାଳି ବ୍ୟକ୍ତିଗତ ଉଦ୍ୟମରେ ପ୍ରଶିକ୍ଷଣ ଜାରି ରଖିଛନ୍ତି। ଜିଲାର ପ୍ରତି ବ୍ଲକରୁ ଦକ୍ଷ ହକି ଖେଳାଳିଙ୍କୁ ଖୋଜି ବାହାର କରିବା, ସେମାନଙ୍କୁ ଉନ୍ନତ ପ୍ରଶିକ୍ଷଣ ଦେବା, ହକି କିଟ୍ ସମେତ ଆନୁଷଙ୍ଗିକ ଉପକରଣ ଯୋଗାଇ ଦେବା ଲାଗି କିଛିଦିନ ତଳେ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ସେହିପରି ୫-ଟି ବ୍ୟବସ୍ଥା ଅନ୍ତର୍ଗତ ସ୍କୁଲରେ ହକିର ବିକାଶ ଲାଗି ସ୍ୱତନ୍ତ୍ର ଭାବେ ଧ୍ୟାନ ଦିଆଯାଉଛି। ପ୍ରାରମ୍ଭିକ ପର୍ଯ୍ୟାୟରେ ଏଭଳି ୮ଟି ସ୍କୁଲରେ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆରମ୍ଭ କରାଯିବ ବୋଲି ଜିଲା କ୍ରୀଡ଼ା ଅଧିକାରୀ ସୂଚନା ଦେଇଛନ୍ତି।



ହକି କୋଚ୍ ଫ୍ଲୋରେନ୍ସିଆ ଏକ୍କା।

# ୨୨ରୁ ମହିମା ଜ୍ୟୋତିଯାତ୍ରା

**ଢେଙ୍କାନାଳ ଅଫିସ, ୫।୪**

ମହିମା ଧର୍ମର ପ୍ରଚାର ପ୍ରସାର ଲାଗି ନବମ ବ୍ରହ୍ମଜ୍ୟୋତି ଯାତ୍ରା ଆସନ୍ତା ଏପ୍ରିଲ ୨୨ ଓ ୨୩ ତାରିଖରେ ଅନୁଷ୍ଠିତ ହେବ। କୌପିନଧାରୀ ମହିମା ସମାଜ ଧର୍ମାଧକ୍ଷ ଶ୍ରୀମଦ୍ ରଘୁନାଥ ବାବାଙ୍କ ପୌରୋହିତ୍ୟରେ ଏ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜ୍ୟୋତିଯାତ୍ରା ମୁଖ୍ୟ ସଂଯୋଜକ ପ୍ରଦ୍ୟୁମ୍ନ ରଥ, ଆବାହକ ପ୍ରଶାନ୍ତ ମହାପାତ୍ର, କୌପିନଧାରୀ ମହିମା ସମାଜ ସମ୍ପାଦକ ସୁଶାନ୍ତ ବାବା, ସହସମ୍ପାଦକ କରୁଣାକର ବାବା, ଯୁଗ୍ମ ଆବାହକ ଭକ୍ତ ବିଜ୍ଞାନ ବେହେରା ପ୍ରମୁଖଙ୍କ ଉପସ୍ଥିତିରେ ଜ୍ୟୋତିଯାତ୍ରା ପଥ ଚୂଡ଼ାନ୍ତ କରାଯାଇଛି।

ଏପ୍ରିଲ ୨୧ ସନ୍ଧ୍ୟାରେ କପିଳାସ ତପୋବନ ପୀଠ ଅଖଣ୍ଡ ଜ୍ୟୋତି ମନ୍ଦିରରୁ ବ୍ରହ୍ମଜ୍ୟୋତି ଜାଗ୍ରତ କରାଯାଇ ଏକ କାଚ ବିମାନରେ ଗାଦିପୀଠ ଯୋରନ୍ଦାକୁ ଅଣାଯିବ। ୨୨ ତାରିଖ ପୂର୍ବାହ୍ନ ୮ଟାରେ ବ୍ରହ୍ମଜ୍ୟୋତିକୁ ଗଁଦିଆ ବ୍ଲକ୍ କାଲୁରିଆସ୍ଥିତ ମହିମା ଟୁଙ୍ଗୀରେ ରଖାଯିବ। ସେଠାର ଶ୍ରଦ୍ଧାଳୁମାନେ ଦର୍ଶନ କରିବେ। ଏକ ଧର୍ମସଭା ଆୟୋଜିତ ହେବ। ଏହାପରେ ବଣସିଂହ-ସିମିଳିଆ-ରାମେଶ୍ୱରପୁର ଦେଇ ଜ୍ୟୋତିଯାତ୍ରା ଢେଙ୍କାନାଳ ବାଜିଚୌକରେ ପହଞ୍ଚିବ। ସେଠାରୁ କଣ୍ଟାନାଳୀ ବାଇପାସ୍ ଦେଇ ଭାପୁର ନିକଟ ପୁରୁଣା କଟକ-ସମ୍ବଲପୁର ରାସ୍ତାରେ ଅନୁଗୋଳ ବ୍ଲକ ବେଡ଼ାଶାସନ ପଞ୍ଚାୟତ ଅନ୍ତର୍ଗତ ହମାମିରା ମହିମା ଟୁଙ୍ଗୀ ପରିକ୍ରମା କରିବ। ଏହାପରେ ଅନୁଗୋଳ ବ୍ଲକ୍ ଇଙ୍କରବନ୍ଧ ପଞ୍ଚାୟତର ସାରଙ୍ଗପୁର, ସାନ କଞ୍ଚନି, ବଡ଼ କଞ୍ଚନୀ ଗ୍ରାମରେ ବ୍ରହ୍ମଜ୍ୟୋତି ପରିକ୍ରମା କରିବ। ସେଠାରୁ ଛେଳିଆପଡା ଛକ-ଅନୁଗୁଳ-ସମ୍ବଲପୁର ରେଳପଥ ଅତିକ୍ରମ କରି ବଅଁରପାଳ ବ୍ଲକ ସାକସିଂହା ମହିମା ଟୁଙ୍ଗୀରେ ପହଞ୍ଚିବ। ସେଠାରେ ରାତ୍ରରହଣି ସାଙ୍ଗକୁ ଧର୍ମସଭା ଆୟୋଜିତ ହେବ। ଏପ୍ରିଲ୍ ୨୩ରେ ସାକସିଂହା, ଅନୁଗୋଳ ବ୍ଲକ ଖଲାରୀ ଗ୍ରାମ ପରିକ୍ରମା ପରେ ନାଲ୍‌କୋନଗରସ୍ଥିତ ଭୀମଭୋଇ ପାର୍କରେ ଅପରାହ୍ନରେ ପହଞ୍ଚିବ। ସର୍ବସାଧାରଣ ଦର୍ଶନ ପରେ ତପୋବନ ପୀଠକୁ ବ୍ରହ୍ମଜ୍ୟୋତି ପ୍ରତ୍ୟାବର୍ତ୍ତନ କରିବ ବୋଲି ପରିଚାଳନା ପରିଷଦ ପକ୍ଷରୁ ସୂଚନା ଦିଆଯାଇଛି।



# ସମସ୍ୟା ବୁଝିଲେ ପୌରାଧକ୍ଷା

**ଢେଙ୍କାନାଳ ଅଫିସ, ୫।୪**

ଦାୟିତ୍ୱ ଗ୍ରହଣ କରିବା ପରେ ଢେଙ୍କାନାଳ ପୌରାଧକ୍ଷା ଜୟନ୍ତୀ ପାତ୍ର ମଙ୍ଗଳବାର ସହରର ବିଭିନ୍ନ ୱାର୍ଡ ବୁଲି ସମସ୍ୟା ବୁଝିଛନ୍ତି। ୭ନଂ. ୱାର୍ଡର ଗୋଡ଼ିସାହି, ଦଣ୍ଡାସାହିରେ ରାସ୍ତା, ଡ୍ରେନ୍ ସମସ୍ୟାର ଅନୁଧ୍ୟାନ କରିଥିଲେ। ଉକ୍ତ ଅଞ୍ଚଳର ରାସ୍ତାଗୁଡ଼ିକ ଶୋଚନୀୟ ହୋଇପଡ଼ିଛି। ଅଗ୍ରାଧିକାର ଭିତ୍ତିରେ ୱାର୍କ ଅର୍ଡର ଦେଇ ତୁରନ୍ତ କାମ ସାରିବା ପାଇଁ ସେ ଯନ୍ତ୍ରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଅନିୟମିତତା ହେଉଛି। ମଧ୍ୟସ୍ଥଙ୍କ ଜରିଆରେ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ପ୍ରଦାନ କରାଯାଉଛି। ଏଣିକି ହିତାଧିକାରୀମାନେ ସିଧାସଳଖ କାର୍ଯ୍ୟାଦେଶ ପାଇବେ। କୌଣସି ସମସ୍ୟା ଉପୁଜିଲେ ତାଙ୍କ ସହିତ ଯୋଗାଯୋଗ କରିବା ପାଇଁ ପୌରାଧକ୍ଷା ପରାମର୍ଶ ଦେଇଛନ୍ତି। ସେହିପରି ୧୦ନଂ. ୱାର୍ଡର ବିଲସାହି ପରିଦର୍ଶନ କରି ଅଞ୍ଚଳବାସୀଙ୍କ ସହ ସେ ଭାବ ବିନିମୟ କରିଛନ୍ତି। ଲାଗିରହିଥିବା ସମସ୍ୟାର ସମାଧାନ ଲାଗି ପୌରାଧକ୍ଷା ପ୍ରତିଶ୍ରୁତି ଦେଇଛନ୍ତି। ପୌରଯନ୍ତ୍ରୀ ରଶ୍ମିତା ମିଶ୍ର, ସହକାରୀ ଯନ୍ତ୍ରୀ, ରାଜ୍ୟ ଭାଜପା କୃଷକ ମୋର୍ଚ୍ଚା ଉପସଭାପତି ରାମଚନ୍ଦ୍ର ପାତ୍ର, ବିନୋଦ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଏହି ଉପଲକ୍ଷେ ବିଭିନ୍ନ ସ୍ଥାନରେ ପୌରାଧକ୍ଷାଙ୍କୁ ଲୋକମାନେ ସ୍ୱାଗତ କରିଥିଲେ।



ୱାର୍ଡ ପରିଦର୍ଶନ ଅବସରରେ ପୌରାଧକ୍ଷା ଲୋକମାନଙ୍କ ସହିତ ଆଲୋଚନା କରୁଛନ୍ତି।

# କାର୍ଯ୍ୟକ୍ଷମ ହେବ କଳାକୃତି ଗ୍ରାମ

■ ସଦେଇବେରେଣୀ-ନବଜୀବନପୁରରେ 'ଢେଙ୍କାନାଳ ମହୋତ୍ସବ' ନିଷ୍ପତ୍ତି

■ ଜିଲାର ପର୍ଯ୍ୟଟନ ଶିଳ୍ପ, ଡୋକ୍ରା ହସ୍ତଶିଳ୍ପ କାରିଗରଙ୍କୁ ମିଳିବ ପ୍ରୋତ୍ସାହନ

**ଢେଙ୍କାନାଳ ଅଫିସ, ୫।୪**

ଗ୍ରାମୀଣ ପର୍ଯ୍ୟଟନରେ ସାମିଲ ହୋଇଥିବା ଢେଙ୍କାନାଳର କଳାକୃତି ଗ୍ରାମ ସଦେଇବେରେଣୀ-ନବଜୀବନପୁର ପ୍ରକଳ୍ପ ଖୁବ୍‌ଶୀଘ୍ର କାର୍ଯ୍ୟକ୍ଷମ ହେବ। ଡୋକ୍ରା ହସ୍ତଶିଳ୍ପକୁ ନେଇ ସମୃଦ୍ଧ ଏହି ଅଞ୍ଚଳକୁ ଜାତୀୟସ୍ତରରେ ପରିଚିତି କରାଇବାକୁ ଏଠାରେ 'ଢେଙ୍କାନାଳ ମହୋତ୍ସବ' ଆୟୋଜନ କରାଯିବ। ଏଥିଲାଗି ପ୍ରଶାସନିକସ୍ତରରେ ପ୍ରସ୍ତୁତି ଆରମ୍ଭ ହୋଇଛି।

ପ୍ରକୃତି ପର୍ଯ୍ୟଟନ ପାଇଁ ବିଶ୍ୱସ୍ତରରେ ସୁନାମ ଅର୍ଜିଛି ଢେଙ୍କାନାଳ ଜିଲାର ସପ୍ତଶଯ୍ୟା। ଏହାକୁ ରୁରାଲ ଟୁରିଜମ୍‌ରେ ସାମିଲ କରି ଜିଲାର କଳା, ଐତିହ୍ୟ, ସଂସ୍କୃତିକୁ ପ୍ରୋତ୍ସାହିତ କରାଇବାକୁ ଲକ୍ଷ୍ୟ ରଖିଥିଲେ ରାଜ୍ୟ ସରକାର। ଏଥିଲାଗି ପ୍ରସିଦ୍ଧ ଡୋକ୍ରା ହସ୍ତଶିଳ୍ପ ଗ୍ରାମ ସଦେଇବେରେଣୀ-ନବଜୀବନପୁରକୁ ଚିହ୍ନଟ କରାଯାଇଥିଲା। ୨୦୧୬-୧୭ରେ ତତ୍କାଳୀନ ଜିଲାପାଳ ରୂପାରୋଶନ ସାହୁଙ୍କ ଉଦ୍ୟମରେ ଏଥିପାଇଁ ପ୍ରଥମ ପର୍ଯ୍ୟାୟରେ ୩ କୋଟି ଏବଂ ପରେ ଆଉ ୨କୋଟି ଟଙ୍କା ଅନୁଦାନ ମିଳିଥିଲା। ଉକ୍ତ ଅର୍ଥରେ ଡୋକ୍ରା ହସ୍ତଶିଳ୍ପ ନିର୍ମାଣ ନିମନ୍ତେ ଏକ ହଲ୍, ସାମଗ୍ରୀ ବିକ୍ରୟ ପ୍ରଦର୍ଶନ କେନ୍ଦ୍ର, ମୁଖଶାଳା, ବୈଠକଗୃହ, ପର୍ଯ୍ୟଟକଙ୍କ ପାଇଁ ବିଶ୍ରାମସ୍ଥଳୀ ନିର୍ମାଣ କରାଯାଇଛି। ୨୦୧୯ ଅଗଷ୍ଟରୁ ଏହି ବହୁ ପ୍ରତୀକ୍ଷିତ ପ୍ରକଳ୍ପ ପୂର୍ଣ୍ଣାଙ୍ଗ ରୂପ ନେଇସାରିଥିଲେ ମଧ ପ୍ରଶାସନିକ ଉଦାସୀନତାରୁ କାର୍ଯ୍ୟକ୍ଷମ ହୋଇପାରୁ ନ ଥିଲା। ଜିଲାପାଳ ସରୋଜ କୁମାର ସେଠୀ ଏହାର ସମୀକ୍ଷା କରିବା ପରେ ସପ୍ତଶଯ୍ୟାରେ ପର୍ଯ୍ୟଟନର ବିକାଶ, ଡୋକ୍ରା ଶିଳ୍ପର ପ୍ରଚାରପ୍ରସାର ପାଇଁ କଳାକୃତି ଗ୍ରାମ ଯଥାଶୀଘ୍ର କାର୍ଯ୍ୟକ୍ଷମ କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି। ଏପ୍ରିଲ ଶେଷ ସୁଦ୍ଧା କିମ୍ବା ମେ ପ୍ରଥମ ସପ୍ତାହରେ ଏହାର ଆରମ୍ଭ ହେବାର ସମ୍ଭାବନା ରହିଛି। ଏଠାରେ ଡୋକ୍ରା ସାମଗ୍ରୀ ବିକ୍ରି କରିବା ଲାଗି ୨୭ଟି ଦୋକାନ ମଧ ଖୋଲାଯିବ। ଏହାର ଦାୟିତ୍ୱ ସ୍ୱୟଂ ସହାୟକ ଗୋଷ୍ଠୀକୁ ଦିଆଯିବ। ବାହାରୁ ପ୍ରତିଷ୍ଠିତ କୁଶଳୀ କାରିଗରଙ୍କୁ ଆଣି ସ୍ଥାନୀୟ କାରିଗରଙ୍କୁ ତାଲିମ ଦିଆଯିବାର ବ୍ୟବସ୍ଥା କରାଯିବ। କଳାକୃତି ଗ୍ରାମ କାର୍ଯ୍ୟକ୍ଷମ ହେଲେ ଅଞ୍ଚଳର ୧୨୦ରୁ ଊର୍ଦ୍ଧ୍ୱ ଡୋକ୍ରା କାରିଗରଙ୍କ ଜୀବିକାର୍ଜନର ମାର୍ଗ ପ୍ରଶସ୍ତ ହେବ। ଦେଶ, ବିଦେଶରୁ ପର୍ଯ୍ୟଟକ ଆସିଲେ ପୁଞ୍ଜିପ୍ରବାହ ହେବ ଏବଂ ଢେଙ୍କାନାଳ ପର୍ଯ୍ୟଟନକୁ ବଳ ମିଳିବ।

ଜିଲାର କଳା ସଂସ୍କୃତିକୁ ଅଧିକ ଲୋକାଭିମୁଖୀ କରିବା ଲାଗି ପ୍ରତିବର୍ଷ 'ଢେଙ୍କାନାଳ ମହୋତ୍ସବ' ଆୟୋଜନ କରାଯାଉଥିଲା। ତେବେ ବିଭିନ୍ନ କାରଣରୁ ୨୦୧୬ରୁ ଏହା ବନ୍ଦ ହୋଇଯାଇଛି। ଚଳିତ ବର୍ଷ ସଦେଇବେରେଣୀ-ନବଜୀବନପୁରରେ ପୁନର୍ବାର ଢେଙ୍କାନାଳ ଜିଲା ମହୋତ୍ସବର ଆୟୋଜନ କରାଯିବ ବୋଲି ପ୍ରଶାସନ ନିଷ୍ପତ୍ତି ନେଇଛି।

ଏ ସଂକ୍ରାନ୍ତରେ ଜିଲାପାଳ ସେଠୀ କୁହନ୍ତି, ଜିଲାର ପର୍ଯ୍ୟଟନର ବିକାଶ ଲାଗି ବିଶେଷ ଗୁରୁତ୍ୱ ଦିଆଯାଉଛି। କପିଳାସ, ସପ୍ତଶଯ୍ୟା, ଯୋରନ୍ଦା ଭଳି ପ୍ରସିଦ୍ଧ ସ୍ଥାନକୁ ଦେଶବିଦେଶରୁ ପର୍ଯ୍ୟଟକ ଆସୁଛନ୍ତି। ଏହାକୁ ଦୃଷ୍ଟିରେ ରଖି ସଦେଇବେରେଣୀ-ନବଜୀବନପୁରରେ କଳାକୃତି ଗ୍ରାମ ନିର୍ମାଣ କରାଯାଇଛି। ଉକ୍ତ ସ୍ଥାନରେ ପର୍ଯ୍ୟଟକମାନଙ୍କ ରହିବା, ଖାଇବା, ବିଶ୍ରାମ କରିବା ଲାଗି ସମସ୍ତ ସୁବିଧା ଉପଲବ୍ଧ ହେବ। ଅଞ୍ଚଳରେ ହୋଟେଲ ବ୍ୟବସ୍ଥା କରାଯିବାକୁ ଉଦ୍ୟମ ଜାରି ରହିଥିବା ଜିଲାପାଳ ସୂଚନା ଦେଇଛନ୍ତି।



କଳାକୃତି ଗ୍ରାମ ସଦେଇବେରେଣୀ-ନବଜୀବନପୁର।

## ମାଡ଼ ମାରି ୨ ଗିରଫ

**ବଇଣ୍ଡା,(ଡି.ଏନ.ଏ.):** କିଶୋରନଗର ବ୍ଲକ ହଣ୍ଡପା ଥାନା ଠେଇଲନାଳି ଗ୍ରାମର ବରୁଣ ଦେହୁରୀଙ୍କୁ ସରିଗିପାଲି ଗ୍ରାମର ବିଶ୍ୱଜିତ ସାହୁ, ଗିରିଧାରୀ ସାହୁ ମାଡ଼ ମାରିଥିବା ଥାନାରେ ଅଭିଯୋଗ ହୋଇଛି। ଏ ନେଇ ବରୁଣଙ୍କ ସ୍ତ୍ରୀ ରଶ୍ମିତା ଦେହୁରୀଙ୍କ ଅଭିଯୋଗକୁ ଭିତ୍ତିକରି ପୋଲିସ ନମ୍ବର ୮୫/୨୨ରେ ଏକ ମାମଲା ରୁଜୁ କରିଛି। ପୋଲିସ କହିଛି, ବିଶ୍ୱଜିତଙ୍କ ହଜିଯାଇଥିବା ମୋବାଇଲ ବରୁଣ ନେଇଯାଇଛନ୍ତି ଭାବି ବିଶ୍ୱଜିତ ଓ ଗିରିଧାରୀ ବରୁଣଙ୍କୁ ଆକ୍ରମଣ କରିଥିବା ଅଭିଯୋଗରେ ଉଲ୍ଲେଖ ରହିଛି।

# ସଂକ୍ଷେପରେ

## ମା' ପୁଅଙ୍କୁ ମାଡ଼ ଅଭିଯୋଗ

**ବଇଣ୍ଡା,୫।୪(ଡି.ଏନ.ଏ.):** ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ଥାନା ସାନଦାଦର ଗ୍ରାମର ସୁଫଳା ପ୍ରଧାନ ଓ ତାଙ୍କ ପୁଅଙ୍କୁ ସେହି ଗ୍ରାମର ସୁନୀଲ ପ୍ରଧାନ ମାଡ଼ ମାରିଥିବା ମଙ୍ଗଳବାର ସୁଫଳା ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ନମ୍ବର ୯୭/୨୨ରେ ଏକ ମାମଲା ରୁଜୁ କରିଛି। ପୋଲିସ କହିଛି, ସୁଫଳା ଓ ସୁନୀଲଙ୍କ ପରିବାର ମଧ୍ୟରେ ପୂର୍ବରୁ ଜମିବାଡ଼ି ସମସ୍ୟା ଲାଗିରହିଥିଲା। ମଙ୍ଗଳବାର ସୁଫଳା ଓ ତାଙ୍କ ପୁଅ ଘରେ ଥିବାବେଳେ ସୁନୀଲ ମାଡ଼ ମାରିଥିବା ଅଭିଯୋଗ ପତ୍ରରେ ଦର୍ଶାଯାଇଛି।

## ମଦ ଜବତ, ଜଣେ ଗିରଫ

**ବଇଣ୍ଡା,୫।୪(ଡି.ଏନ.ଏ.):** କଟକ-ସମ୍ବଲପୁର ୫୫ ନମ୍ବର ଜାତୀୟ ରାଜପଥର ହଣ୍ଡପା ଥାନା ଛେଳିଆଡ଼ିପ ନିକଟରେ ଥିବା ମଧପୁର ଗ୍ରାମର ନବୀନ କୁମାର ରାଉଳଙ୍କ ଢାବାରୁ ସୋମବାର ରାତିରେ ପୋଲିସ ଚଢ଼ାଉ କରି ୧୬ ବୋତଲ ବିଦେଶୀ ମଦ ଜବତ କରିଛି। ଏଥିସହ ତାଙ୍କୁ ଗିରଫ କରିଛି। ପୋଲିସ କହିଛି, ନବୀନଙ୍କ ଢାବାରେ ଚୋରାରେ ମଦ ବିକ୍ରି ହେଉଥିବା ଖବରପାଇ ହଣ୍ଡପା ଏଏସ୍ଆଇ ସୁନାକର ସ୍ୱାଇଁ ଚଢ଼ାଉ କରିଥିଲେ। ଏ ନେଇ ନମ୍ବର ୮୬/୨୨ରେ ଏକ ମାମଲା ରୁଜୁ କରାଯାଇଛି।

## ବାଟମଙ୍ଗଳାଙ୍କ ବାର୍ଷିକ ଉତ୍ସବ



**କଣିହାଁ,୫।୪(ଡି.ଏନ.ଏ.):** କଣିହାଁ ବ୍ଲକ ରେଙ୍ଗାଳି ପ୍ରକଳ୍ପ କପିଳେଶ୍ୱର ମନ୍ଦିର ସମ୍ମୁଖରେ ପ୍ରତିଷ୍ଠିତ ମା' ବାଟମଙ୍ଗଳାଙ୍କ ୧୫ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରତ୍ୟୁଷରୁ ମା'ଙ୍କ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା କରାଯିବା ପରେ ଦର୍ଶନ ଓ ଭୋଗ ନୀତି ଅନୁଷ୍ଠିତ ହୋଇଥିଲା। ପୂର୍ବାହ୍ନ ୮ରୁ ମା'ଙ୍କ ବିଭିନ୍ନ ପୂଜା ପରେ ହୋମଯଜ୍ଞ କରାଯାଇଥିଲା। ପୁରୋହିତ ଅନନ୍ତ ଚରଣ ମିଶ୍ର, ଭବାନୀ ଶଙ୍କର ପଣ୍ଡା ଓ ଜିତେନ୍ଦ୍ର ମିଶ୍ର ଯଜ୍ଞାନୁଷ୍ଠାନ କାର୍ଯ୍ୟ ସମ୍ପାଦନ କରିଥିବା ବେଳେ ଆଖଣ୍ଡଳମଣି ମନ୍ଦିରର ମୁଖ୍ୟ ସେବକ ଆକୁଳ ପଣ୍ଡା ଓ ଆଶାଲତା ପଣ୍ଡା କର୍ତ୍ତା ଭାବେ ଯୋଗ ଦେଇଥିଲେ। ମଧ୍ୟାହ୍ନରେ ପୂର୍ଣ୍ଣାହୁତି ଦିଆଯିବା ପରେ ପ୍ରସାଦ ପ୍ରଦାନ କରାଯାଇଥିଲା। କପିଳେଶ୍ୱର ଓ ବାବା ଆଖଣ୍ଡଳମଣି ମନ୍ଦିର ପରିଚାଳନା କମିଟି ପକ୍ଷରୁ ସମସ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ବୁଡ଼ିଯାଉଥିବା ଯୁବକ ଉଦ୍ଧାର

**ଅନୁଗୋଳ ଅଫିସ,୫।୪:** ଅନୁଗୋଳ ମଦନମୋହନପଡ଼ାର ଏକ ପୋଖରୀରେ ବୁଡ଼ି ଯାଉଥିବା ଜଣେ ଯୁବକଙ୍କୁ ଉଦ୍ଧାର କରାଯାଇଛି। ଢେଙ୍କାନାଳ ସାଆନ୍ଦା ଅଞ୍ଚଳର ଅଶୋକ ନାଏକ (୪୦) ଅନୁଗୋଳରେ ମଜୁରି ଖଟନ୍ତି। ସେ ମଙ୍ଗଳବାର ପୋଖରୀକୁ ଗାଧୋଇବାକୁ ଯାଇ ପାଣିରେ ଉବୁଟୁବୁ ହେଉଥିବାବେଳେ କେତେଜଣ ଯୁବକ ଦେଖି ତାଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ସେଠାରେ ତାଙ୍କର ଚିକିତ୍ସା ଚାଲିଥିବା ଜଣାପଡ଼ିଛି।

## ଦୁର୍ଘଟଣାରେ ଜଣେ ଗୁରୁତର

**ଛେଣ୍ଡିପଦା,୫।୪(ସ୍ୱ.ପ୍ର.):** ଛେଣ୍ଡିପଦା ଥାନା ଟାଙ୍ଗିରୀ-ଆଉଁଳି ରାସ୍ତାର ଆଉଁଳି ପୋଲ ଉପରେ ଜଣେ ବାଇକ୍ ଆରୋହୀ ବଳଦକୁ ଧକ୍କା ଦେଇ ଗୁରୁତର ହୋଇଛନ୍ତି। ପ୍ରକାଶ ଯେ, ଖିଲବେରେଣୀ ଗ୍ରାମର ନଗେନ ବିଶ୍ୱାଳ ନୂଆପଡା ଅଞ୍ଚଳରୁ କାର୍ଯ୍ୟ ସାରି ବାଇକ୍‌ରେ ଘରକୁ ଫେରୁଥିବା ବେଳେ ପୋଲ ଉପରେ ଏକ ବଳଦ ସମ୍ମୁଖକୁ ଚାଲି ଆସିବାରୁ ଦୁର୍ଘଟଣାର ଶିକାର ହୋଇଥିଲେ। ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି।

## ଆକ୍ରମଣ ଅଭିଯୁକ୍ତ ଗିରଫ

**ଛେଣ୍ଡିପଦା,୫।୪(ସ୍ୱ.ପ୍ର.):** ଛେଣ୍ଡିପଦା ଥାନା ରାଇପାଳ ଗ୍ରାମର ଜଣେ ମହିଳାଙ୍କୁ ଆକ୍ରମଣ ଅଭିଯୋଗରେ ସେହି ଗ୍ରାମର ସୁରେଶ ସ୍ୱାଇଁଙ୍କୁ ପୋଲିସ ଗିରଫ କରିଛି। ଘଟଣାରୁ ପ୍ରକାଶ, ରାଇପାଳ ଗ୍ରାମର ଗର୍ଭବତୀ ମହିଳାଙ୍କୁ ଡିଲରଙ୍କ ସ୍ୱାମୀ ଓ ସମ୍ପର୍କୀୟମାନେ ମାରପିଟ କରିଥିବା ଯୋଗୁ ଗର୍ଭସ୍ଥ ଶିଶୁର ମୃତ୍ୟୁ ହୋଇଯାଇଥିବା ୧୭ ମାର୍ଚ୍ଚରେ ଅଭିଯୋଗ ହୋଇଥିଲା। ଅନ୍ୟ ଅଭିଯୁକ୍ତମାନଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ପୋଲିସ ପ୍ରକାଶ କରିଛି।

## ନାବାଳିକା ଗର୍ଭବତୀ, ଥାନାରେ ଅଭିଯୋଗ

**ବଅଁରପାଳ,୫।୪(ସ୍ୱ.ପ୍ର.):** ନାଲ୍‌କୋ ଥାନା ଅଞ୍ଚଳର ଜଣୈକା ନାବାଳିକାଙ୍କ ସହ ଶାରୀରିକ ସମ୍ପର୍କ ରଖି ଗର୍ଭବତୀ କରିବା ପରେ ଅଭିଯୁକ୍ତ ଯୁବକ ନବ କୁମାର ଫେରାର ହୋଇଯାଇଥିବା ଥାନାରେ ଅଭିଯୋଗ ହୋଇଛି। ପୋଲିସ କହିଛି, ସମ୍ପୃକ୍ତା ନାବାଳିକାଙ୍କ ସହ ଯୁବକ ଜଣଙ୍କ ପ୍ରେମ ସମ୍ପର୍କ ରଖିଥିଲେ। ଏହାପରେ ଶାରୀରିକ ସମ୍ପର୍କ ସ୍ଥାପନ କରିଥିଲେ। ନାବାଳିକା ଏବେ ୭ ମାସର ଗର୍ଭବତୀ ଅଛନ୍ତି। ଏହା ଜଣାପଡିବା ପରେ ଅଭିଯୁକ୍ତ ଫେରାର ହୋଇଯାଇଛନ୍ତି। ପୋଲିସ ନଂ. ୮୪/୨୦୨୨ରେ ଏକ ମାମଲା ରୁଜୁ କରି

# ଆମରଣ ଅନଶନରେ କ୍ଷତିଗ୍ରସ୍ତ ପ୍ରଜା

**ଅନୁଗୋଳ ଅଫିସ/ ତାଳଚେର, ୫।୪**




ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆମରଣ ଅନଶନ ଚାଲିଛି।

ଏନ୍‌ଟିପିସି ପରିଚାଳନାଧୀନ ଟିଟିପିଏସ୍ ଦ୍ୱାରା କ୍ଷତିଗ୍ରସ୍ତ ୬୫ଜଣ ଏସ୍‌ଏପି ସ୍ଥାୟୀ ନିଯୁକ୍ତି ଦାବିରେ ଜିଲାପାଳଙ୍କ ଅଫିସ ସମ୍ମୁଖରେ ମଙ୍ଗଳବାରଠାରୁ ଆମରଣ ଅନଶନ ଆରମ୍ଭ କରିଛନ୍ତି। ପ୍ରକାଶ ଯେ, ଦୀର୍ଘଦିନ ହେଲା ଏହି ଏସ୍‌ଏପିମାନେ ସ୍ଥାୟୀ ନିଯୁକ୍ତି ପାଇଁ ଏନ୍‌ଟିପିସି/ ଟିଟିପିଏସ୍ କର୍ତ୍ତୃପକ୍ଷଙ୍କ ନିକଟରେ ଆପତ୍ତି, ଅଭିଯୋଗ ଓ ଆବେଦନ କରିଆସୁଛନ୍ତି। କିନ୍ତୁ ବିଭିନ୍ନ ସମୟରେ ଆର୍‌ପିଡିଏସି ଓ ଜିଲାପାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଚ୍ଚସ୍ତରୀୟ ବୈଠକରେ ଏମାନଙ୍କୁ ନିଯୁକ୍ତି ଦେବାକୁ ନିଷ୍ପତ୍ତି କରାଯାଇଥିଲେ ମଧ୍ୟ ଏନ୍‌ଟିପିସି କର୍ତ୍ତୃପକ୍ଷ ତାହାକୁ କାର୍ଯ୍ୟକାରୀ କରୁନାହାନ୍ତି। ପଦବୀ ଅଭାବ ଦର୍ଶାଇ ଏନ୍‌ଟିପିସି କର୍ତ୍ତୃପକ୍ଷ ଏସ୍‌ଏପିମାନଙ୍କ ନିଯୁକ୍ତିକୁ ଅଣଦେଖା କରିଚାଲିଛନ୍ତି। ଏନ୍‌ଟିପିସି କର୍ତ୍ତୃପକ୍ଷ ଜିଲା ପ୍ରଶାସନକୁ ଭୁଲ ତଥ୍ୟ ଦେଇ ସବୁବେଳେ ଚାକିରି ନ ଥିବା ଦର୍ଶାଇ ଆସୁଥିବା ଏସ୍‌ଏପିମାନେ ଅଭିଯୋଗ କରିଛନ୍ତି। ବାରମ୍ବାର ଏସ୍‌ଏପିମାନଙ୍କ ପ୍ରତି ଅବହେଳା ଓ ଆର୍‌ପିଡିଏସି, ଜିଲା ପ୍ରଶାସନ ନିଷ୍ପତ୍ତିକୁ କାର୍ଯ୍ୟକାରୀ ନ କରିବା ଏବଂ ସ୍ଥାୟୀ ନିଯୁକ୍ତି ଦାବିରେ ଏହି ଧାରଣା ଦିଆଯାଇଛି। ଏସ୍‌ଏପିମାନଙ୍କ ପକ୍ଷରୁ ଦୁର୍ଯ୍ୟୋଧନ ସାହୁ, ସୌଭାଗ୍ୟ ସାମଲ, ଦୀପକ ସାମଲ, ବିଶ୍ୱଜିତ ରଥ, ସବିତା ସାହୁ, ସୁଶାନ୍ତ ପ୍ରଧାନ, ସନ୍ତୋଷ ପ୍ରଧାନ, ଟୁଟୁ ସାହୁ, ବାପୁନ ସାହୁ ଓ ସୌଭାଗ୍ୟ ସାହୁ ପ୍ରମୁଖ ଆମରଣ ଅନଶନ ଆରମ୍ଭ କରିଥିବା ସୂଚନା ମିଳିଛି।

## ଖାଲି ପଦବୀରେ ନିଯୁକ୍ତି ଦାବି

**ଅନୁଗୋଳ ଅଫିସ,୫।୪**

ରାଜ୍ୟରେ ଖାଲି ପଡ଼ିଥିବା ଶିକ୍ଷୟିତ୍ରୀ ଶିକ୍ଷକ ପଦବୀ ପୂରଣ ପାଇଁ ଅଲ୍ ଇଣ୍ଡିଆ ଅନ୍ ଏମ୍ପ୍ଲୋଏଡ୍ ୟୁଥ୍ ଷ୍ଟ୍ରଗଲ୍ କମିଟି ପକ୍ଷରୁ ଅନୁଗୋଳ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ମଙ୍ଗଳବାର ବିକ୍ଷୋଭ କରାଯାଇଛି। ଶିକ୍ଷାର ଘରୋଇକରଣ, ବ୍ୟବସାୟୀକରଣ ବନ୍ଦ କରିବା ପାଇଁ କମିଟି ଦାବି କରିଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। କମିଟିର ଦାବି ମୁତାବକ, ରାଜ୍ୟରେ ଦୀର୍ଘ ଦିନ ହେଲାଣି ସିଟି ଓ ବିଇଡି ତାଲିମ୍ ନେଇ ହଜାର ହଜାର ଯୁବତୀ ଯୁବକ ନିଯୁକ୍ତି ଆଶାରେ ଅଛନ୍ତି। ତଥାପି ସେମାନଙ୍କୁ ଚାକିରି ମିଳିପାରୁ ନାହିଁ। ସରକାରୀ ସ୍କୁଲଗୁଡ଼ିକରେ ବହୁସଂଖ୍ୟକ ଶିକ୍ଷକ ପଦବୀ ଖାଲି ପଡ଼ିଥିଲେ ମଧ୍ୟ ଟ୍ରେନିଂ ନେଇଥିବା ପ୍ରାର୍ଥୀଙ୍କୁ ସରକାର ନିଯୁକ୍ତି ଦେଉନାହାନ୍ତି। ଫଳରେ ଶିକ୍ଷାଦାନରେ ସମସ୍ୟା ସୃଷ୍ଟି ହେଉଛି। ଏଣୁ ରାଜ୍ୟ ସରକାର ଏ ଦିଗ ପ୍ରତି ଦୃଷ୍ଟି ଦେଇ ସିଟି ଓ ବିଇଡି ତାଲିମ୍ ନେଇଥିବା ପିଲାଙ୍କୁ ନିଯୁକ୍ତି ଦିଅନ୍ତୁ ବୋଲି ଅଲ ଇଣ୍ଡିଆ ଅନ୍ ଏମ୍ପ୍ଲୋଏଡ୍ ୟୁଥ୍ ଷ୍ଟ୍ରଗଲ୍ କମିଟି ପକ୍ଷରୁ ଦାବି କରାଯାଇଛି।

## ପରିବହନ ବିଭାଗର ଜରିମାନା ନେଇ ପ୍ରଶ୍ନବାଚୀ

**ଛେଣ୍ଡିପଦା,୫।୪(ସ୍ୱ.ପ୍ର.)**




ଦୁଇଟି ଗାଡ଼ିର ନମ୍ବର ସମାନ ଥିବା ଦିଲୀପ ଦେଖାଉଛନ୍ତି।

ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକ ବାଗଡିଆ ଅଞ୍ଚଳର ଦିଲୀପ କୁମାର ଦେହୁରୀଙ୍କ ନାମରେ ସମ୍ବଲପୁର ପରିବହନ ବିଭାଗ ପକ୍ଷରୁ ଏକ ଚାଲାଣ କଟାଯାଇଛି। ବିନା ହେଲମେଟରେ ଗାଡ଼ି ଚାଳନା କରୁଥିବାରୁ ୧ ହଜାର ଟଙ୍କା ଜରିମାନା ଦେବାକୁ ତାଙ୍କ ମୋବାଇଲକୁ ମେସେଜ ଆସିଛି। ସେ ସମ୍ବଲପୁର ବାଇକ୍ ନେଇ ଯାଇ ନ ଥିବାବେଳେ ତାଙ୍କ ନାମରେ ଚାଲାଣ କଟାଯିବାକୁ ନେଇ ଦିଲୀପ ପ୍ରଶ୍ନ ଉଠାଇଛନ୍ତି।

ଦିଲୀପ କହିଛନ୍ତି, ତାଙ୍କ ନିକଟରେ ଏକ ପୁରୁଣା ମୋଟରସାଇକେଲ ରହିଛି। ଗତ ମାର୍ଚ୍ଚ ୧୮ ତାରିଖରେ ତାଙ୍କ ମୋବାଇଲକୁ ସମ୍ବଲପୁର ପରିବହନ ବିଭାଗ ପକ୍ଷରୁ ଏକ ଚାଲାଣ ମେସେଜ ଆସିଥିଲା। ବିନା ହେଲମେଟରେ ଗାଡ଼ି ଚଳାଉଥିବାରୁ ଏକ ହଜାର ଟଙ୍କାର ଜରିମାନା ଲଗାଯାଇଥିବା ଉକ୍ତ ଚାଲାଣରୁ ଜଣାପଡୁଥିଲା। ସେ ସମ୍ବଲପୁର ବାଇକ୍ ନେଇ ଯାଇ ନ ଥିଲେ ହେଁ କେମିତି ତାଙ୍କ ବାଇକ୍ ନମ୍ବରରେ ଚାଲାଣ କଟାଗଲା ତାହା ଜାଣିବାକୁ ଚେଷ୍ଟା କରିଥିଲେ। ମେସେଜରେ ଚାଲାଣଟି ଏକ ନାଲି ରଙ୍ଗର ଡିସକଭର ମୋଟରସାଇକେଲ ଓ ଚାଳକ ଅକ୍ଷୟ ପରିଡା ନାମ ଥିବା ଦେଖିବାକୁ ପାଇଥିଲେ। ହେଲେ ଉକ୍ତ ଗାଡ଼ି ନମ୍ବର ତାଙ୍କ ବାଇକ୍ ହିରୋ ଏଚ୍‌ଏଫ୍ ଡିଲକ୍ସ ମୋଟରସାଇକେଲ ସହ ସମାନ ରହିଛି। ଦୁଇଟି ଗାଡ଼ିର ନମ୍ବର କେମିତି ସମାନ ହେଲା ଓ ତାଙ୍କ ନମ୍ବରକୁ କାହିଁକି ମେସେଜ ଦିଆଗଲା ସେ ନେଇ ଠିକ୍ ଭାବେ ତଦନ୍ତ କରିବାକୁ ଦିଲୀପ ଦାବି କରିଛନ୍ତି।

# ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ସ୍ୱଚ୍ଛତା ପକ୍ଷ

**ଛେଣ୍ଡିପଦା,୫।୪(ସ୍ୱ.ପ୍ର.)**

ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକ ପାତ୍ରପଡା ପଞ୍ଚାୟତର ଗଡ଼ମଣ୍ଡଳ ଉଚ୍ଚ ବିଦ୍ୟାଳୟଠାରେ ମଙ୍ଗଳବାର ସ୍ୱଚ୍ଛତା ପକ୍ଷ ପାଳନ କର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ସରକାରଙ୍କ କାୟାକଳ୍ପ କାର୍ଯ୍ୟକ୍ରମ ଅନୁଯାୟୀ ଗଡ଼ମଣ୍ଡଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ସ୍ଥାନୀୟ ଉଚ୍ଚ ବିଦ୍ୟାଳୟରେ ନବମ ଓ ଦଶମ ଶ୍ରେଣୀ ଛାତ୍ରୀଛାତ୍ରମାନଙ୍କୁ ନେଇ ଏହି କାର୍ଯ୍ୟକ୍ରମ ପାଳନ କରାଯାଇଥିଲା। ଏଥିସହିତ ଛାତ୍ରୀଛାତ୍ରଙ୍କ ଭୂମିକାକୁ ନେଇ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଗଡ଼ମଣ୍ଡଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ବୈକୁଣ୍ଠ ସାହୁ, ଫାର୍ମାସିଷ୍ଟ ମଦନ ମୋହନ ସାହୁ, ଷ୍ଟାଫନର୍ସ ଏଲିନା ପ୍ରଧାନ, ପ୍ରଧାନ ଶିକ୍ଷକ ଅକ୍ଷୟ କୁମାର ପ୍ରଧାନ, ଶିକ୍ଷକ ଅଶୋକ କୁମାର ସାହୁ, ଲମ୍ବୋଦର ସାହୁ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମକୁ ପରିଚାଳନା କରିବା ସହିତ କୃତୀ ଛାତ୍ରୀଛାତ୍ରମାନଙ୍କୁ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ପୁରସ୍କୃତ କରିଥିଲେ।




ଅତିଥିମାନେ କୃତୀ ଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରୁଛନ୍ତି।

## ରୋଗୀ ସମ୍ପର୍କୀୟଙ୍କଠାରୁ ଠକେଇ ଅଭିଯୋଗ

**ବଇଣ୍ଡା,୫।୪(ଡି.ଏନ.ଏ.)**

ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ପୁଣି ଦଲାଲ ରାଜ ଆରମ୍ଭ ହୋଇଯାଇଛି। ସେମାନେ ରୋଗୀ ଓ ସେମାନଙ୍କ ସମ୍ପର୍କୀୟଙ୍କୁ ବିଭିନ୍ନ ଉପାୟରେ ଠକେଇ କରୁଥିବା ଅଭିଯୋଗ ବଢ଼ିବାରେ ଲାଗିଛି। ସୋମବାର ଚିକିତ୍ସାଧୀନ ଥିବା ଜଣେ ରୋଗୀଙ୍କ ସମ୍ପର୍କୀୟଙ୍କଠାରୁ ଦଲାଲ ୧୫ ଶହ ଟଙ୍କା ଠକି ନେଇଥିବା ଅଭିଯୋଗ ହୋଇଛି। ଆଠମଲ୍ଲିକ ମଇମୁରା ଗାଁର ଜ୍ୟୋତ୍ସ୍ନା ବେହେରାଙ୍କୁ ରକ୍ତହୀନତା ଯୋଗୁ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ତାଙ୍କ ସମ୍ପର୍କୀୟ ନିରଞ୍ଜନ ପ୍ରଧାନ ରକ୍ତ ଯୋଗାଡ କରିବାକୁ ଯାଇ ଜଣେ ଦଲାଲଙ୍କ ହାବୁଡ଼ରେ ପଡ଼ିଥିଲେ। ୧୫ ଶହ ଟଙ୍କା ଦେଲେ ରକ୍ତ ଯୋଗାଡ କରିଦେବେ ବୋଲି ଦଲାଲ ଜଣକ କହି ଟଙ୍କା ନେବା ପରେ ବ୍ଲଡ ବ୍ୟାଙ୍କରୁ ମାଗଣାରେ ରକ୍ତ କରାଇ ଦେଇଥିଲେ। ମଙ୍ଗଳବାର ଆଉ ଏକ ୟୁନିଟ୍ ରକ୍ତ ଦରକାର ହେବାରୁ ନିରଞ୍ଜନ ବ୍ଲଡ ବ୍ୟାଙ୍କ୍ ଯାଇ ତାଙ୍କୁ ସୋମବାର ମାଗଣା ବ୍ଲଡ ଦିଆଯାଇଥିବା ଜାଣିବାକୁ ପାଇଥିଲେ।

# ସମସ୍ୟାର ସମାଧାନ ନ ହେଲେ ଅସହଯୋଗ

## ଖଣି ମହାପ୍ରବନ୍ଧକଙ୍କୁ ଦାବିପତ୍ର

**କଣିହାଁ,୫।୪(ଡି.ଏନ.ଏ.)**



ବୈଠକରେ ଜନପ୍ରତିନିଧିଙ୍କ ସହ ଅଧିକାରୀମାନେ।

ଅନୁଗୋଳ ଜିଲା କଣିହାଁ ବ୍ଲକ ୯ ନମ୍ବର ଜୋନର ସମସ୍ତ ଜନପ୍ରତିନିଧି ବିଭିନ୍ନ ସମସ୍ୟାକୁ ନେଇ ମଙ୍ଗଳବାର କଣିହାଁ କୋଇଲା ଖଣି ମହାପ୍ରବନ୍ଧକଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଏଥିରେ ଦର୍ଶାଯାଇଛି, କଣିହାଁ କୋଇଲା ଖଣି ଦ୍ୱାରା ଜରଡ଼ା, କଣିହାଁ, କମରେଇ, ବଡ଼ତ୍ରିବିଡା, ବଡ଼ଗୁଣ୍ଡୁରୀ, ବିଜିଗୋଳ, ଗଦାଶିଳା, ସାନତ୍ରିବିଡା ପଞ୍ଚାୟତ କ୍ଷତିଗ୍ରସ୍ତ ହେଉଛି। କିନ୍ତୁ ଏହି ପଞ୍ଚାୟତଗୁଡ଼ିକର କୌଣସି ସମସ୍ୟାର ସମାଧାନ କରା ନ ଯାଇ ଅଯଥାରେ ବିଳମ୍ବ କରାଯାଉଛି। ବିଶେଷକରି ବିସ୍ଥାପନ, ନିଯୁକ୍ତି, ବିଶୁଦ୍ଧ ପାନୀୟ ଜଳ ଯୋଗାଣ, ପାରିପାର୍ଶ୍ୱିକ ଉନ୍ନୟନ ପାଣ୍ଠିର ସଦୁପଯୋଗ ଆଦି କରାଯାଉ ନାହିଁ। ଏ ନେଇ ୯ ନମ୍ବର ଜୋନ ଜିଲା ପରିଷଦ ସଦସ୍ୟ ରଞ୍ଜନ ସାହୁ, କଣିହାଁ ସରପଞ୍ଚ ରଞ୍ଜିତା ବେହେରା, ଜରଡ଼ା ସରପଞ୍ଚ ସୁମିତ୍ରା ଦାସଙ୍କ ସହିତ ୮ଟି ପଞ୍ଚାୟତର ସରପଞ୍ଚ ଓ ସମିତିସଭ୍ୟ ଉପସ୍ଥିତ ରହି ଏମ୍‌ସିଏଲ୍ ମହାପ୍ରବନ୍ଧକଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ଏହି ପରିପ୍ରେକ୍ଷୀରେ କଣିହାଁ ଏମ୍‌ସିଏଲ୍ କାର୍ଯ୍ୟାଳୟ ପରିସରରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ କଣିହାଁ କୋଇଲା ଖଣି ମହାପ୍ରବନ୍ଧକ କିଶୋର ରାଉଳ, ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ, ଜିଲା ପରିଷଦ ସଦସ୍ୟ ରଞ୍ଜନ ପ୍ରଧାନ ଓ ସମସ୍ତ ସରପଞ୍ଚ ସମିତିସଭ୍ୟାସଭ୍ୟ ଉପସ୍ଥିତ ଥିଲେ। ଉକ୍ତ କର୍ତ୍ତୃପକ୍ଷଙ୍କ ସହ ଏକ ବୈଠକ କରି ସମସ୍ତ ସମସ୍ୟାର ସମାଧାନ କରିବାକୁ ଶୀଘ୍ର ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ମିଳିଥିବା ଜିଲା ପରିଷଦ ସଦସ୍ୟ ରଞ୍ଜନ ସାହୁ କହିଛନ୍ତି। ଯଦି ଏ ଦିଗରେ ପଦକ୍ଷେପ ଗ୍ରହଣ ନ କରାଯାଏ, ଖଣି କାର୍ଯ୍ୟରେ ଅସହଯୋଗ କରାଯିବ ବୋଲି ଜନପ୍ରତିନିଧିମାନେ ଚେତାବନୀ ଦେଇଛନ୍ତି।

# କୋର୍ଟରେ ମାମଲା ଥିବାରୁ ନିର୍ବାଚନ ସ୍ଥଗିତ

**ବଅଁରପାଳ,୫।୪(ଡି.ଏନ.ଏ.)**

ହାଇକୋର୍ଟରେ ମାମଲା ବିଚାରାଧୀନ ଥିବାରୁ ନାଲ୍‌କୋ ସିପିସିରେ ଆସନ୍ତା ୧୯ ତାରିଖରେ ହେବାକୁ ଥିବା ସ୍ୱୀକୃତିପ୍ରାପ୍ତ ନିର୍ବାଚନ ସ୍ଥଗିତ ରହିଛି। ଆସନ୍ତା ୨୦ ତାରିଖରେ ଏହି ମାମଲାର ଶୁଣାଣି ହେବ। ସିପିସିରେ ୪ଟି ସଙ୍ଗଠନ ନାଲ୍‌କୋ ଶ୍ରମିକ କଂଗ୍ରେସ ୟୁନିୟନ, ନାଲକୋ ନନ୍ ଏକଜିକ୍ୟୁଟିଭ ଏମ୍ପ୍ଲୟିଜ୍ ୟୁନିୟନ, ନାଲ୍‌କୋ ବିଦ୍ୟୁତ୍ ମଜଦୁର ସଂଘ ଓ ନାଲ୍‌କୋ ଇଣ୍ଡଷ୍ଟ୍ରିଆଲ ୱାର୍କର ୟୁନିୟନ ସକ୍ରିୟ ଥିବାବେଳେ ନାଲ୍‌କୋ ଶ୍ରମିକ କଂଗ୍ରେସ ୟୁନିୟନ ନିର୍ବାଚନ ପାଇଁ କୋର୍ଟର ଦ୍ୱାରସ୍ଥ ହେଇଥିବା ସୂଚନା ମିଳିଛି। ଏ ସମ୍ପର୍କରେ ନାଲ୍‌କୋ ନନ୍ ଏକ୍‌ଜିକ୍ୟୁଟିଭ୍ ଏମ୍ପ୍ଲୟିଜ୍ ୟୁନିୟନ କାର୍ଯ୍ୟକାରୀ ସଭାପତି ନିର୍ମଳ ଶତପଥୀ କହିଛନ୍ତି, ନାଲ୍‌କୋର ଘରୋଇକରଣ ଉଦ୍ୟମକୁ ବିରୋଧ ଜାରି ରହିଥିବାରୁ ଶ୍ରମିକ ସଙ୍ଗଠଗୁଡ଼ିକ ମଧ୍ୟରେ ଏକତା ବଜାୟ ରଖିବା ପାଇଁ ଏବେ ନିର୍ବାଚନକୁ ବିରୋଧ କରାଯାଉଛି।




ନାଲ୍‌କୋ ନନ୍ ଏକ୍‌ଜିକ୍ୟୁଟିଭ୍ ଏମ୍ପ୍ଲୟିଜ୍ ୟୁନିୟନ କର୍ମକର୍ତ୍ତାମାନେ।

## ନବବଧୂଙ୍କୁ ଯୌତୁକ ନିର୍ଯାତନା

**ବଇଣ୍ଡା,୫।୪(ଡି.ଏନ.ଏ.)**

ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ଥାନା ତାଳମଳିହା ଗ୍ରାମର ନବବଧୂ ଆରତୀ ନାୟକଙ୍କୁ ତାଙ୍କ ସ୍ୱାମୀ ବିଶ୍ୱାମିତ୍ର ନାୟକ, ଶାଶୁ ବୈଦେହୀ ନାୟକ, ଶ୍ୱଶୁର ବିରଞ୍ଚି ନାୟକ ଯୌତୁକ ନିର୍ଯାତନା ଦେଉଥିବା ସୋମବାର ଥାନାରେ ଆରତୀ ଅଭିଯୋଗ କରିଛନ୍ତି। ପୋଲିସ ନମ୍ବର ୯୬/୨୨ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ପୋଲିସ କହିଛି, ଆରତୀଙ୍କ ଘର କିଆକଟା ଥାନା ପାତ୍ରପଡା ଗ୍ରାମରେ। ବିଶ୍ୱାମିତ୍ରଙ୍କୁ ଗତ ମାର୍ଚ୍ଚ ୧୦ ତାରିଖରେ ଆରତୀ ବୈଦିକ ରୀତିରେ ବିବାହ କରିଥିଲେ। ହେଲେ ୭ ଦିନ ପରେ ଏକ ବାଇକ୍ ବାପଘରୁ ଆଣିବାକୁ କହି ଶାଶୁଘର ଲୋକେ ମାଡ଼ ମାରିବା ସହ ଘରୁ ବାହାର କରିଦେଇଥିଲେ। ଏପରି କି ମାରିଦେବାକୁ ଉଦ୍ୟମ କରିଥିବା ଆରତୀ ଅଭିଯୋଗରେ ଉଲ୍ଲେଖ କରିଛନ୍ତି।



ଅନୁଗୋଳ ସହର ବାସନ୍ତୀ ଦୁର୍ଗାପୂଜା ପଡ଼ିଆରେ ଜଣେ କାରିଗର ମା'ଙ୍କ ମୂର୍ତ୍ତି ନିର୍ମାଣ କରୁଛନ୍ତି। (ଫଟୋ-ବୁବୁ)

# 'କୌଶଳ ପ୍ରୟୋଗ କଲେ ସୁରକ୍ଷିତ ରହିବ'

**ଛେଣ୍ଡିପଦା,୫।୪(ସ୍ୱ.ପ୍ର.)**

ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକସ୍ଥିତ କୋଶଳା ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ଛାତ୍ରୀଙ୍କ ଆତ୍ମରକ୍ଷା ତାଲିମ ଶିବିର ଉଦ୍‌ଘାଟିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟ ଅଧ୍ୟକ୍ଷା ଭାମାରାଣୀ ତ୍ରିପାଠୀ ଯୋଗଦେଇ ଛାତ୍ରୀମାନଙ୍କୁ ଉଭୟ ଶାରୀରିକ ଓ ମାନସିକ ସ୍ତରରେ ଦୃଢ଼ ରହିବା ସହ ଚାଲିଚଳନ, ଆଚାର ବ୍ୟବହାରରେ ଶୃଙ୍ଖଳିତ ହେବାକୁ ପରାମର୍ଶ ଦେଇଥିଲେ। ପ୍ରଶିକ୍ଷଣରୁ ଶିକ୍ଷାଲାଭ କରିଥିବା କୌଶଳ ପ୍ରୟୋଗ କରିପାରିଲେ ନିଜକୁ ସୁରକ୍ଷିତ ରଖିପାରିବେ ବୋଲି ମତବ୍ୟକ୍ତ କରିଥିଲେ। ତାଲିମଦାତା ଭାବେ ତିଲୋତ୍ତମା ଗଡନାୟକ ଛାତ୍ରୀମାନଙ୍କୁ ଆତ୍ମରକ୍ଷା କୌଶଳ ଶିକ୍ଷା ପ୍ରଦାନ କରିଥିଲେ। ଶିବିର ପରିଚାଳନାରେ ମହାବିଦ୍ୟାଳୟ ଓଡ଼ିଆ ପ୍ରାଧ୍ୟାପକ ଦିଲୀପରାଜ ପ୍ରଧାନ, ଅଧ୍ୟାପକ ମନୋଜ କୁମାର ବେହେରା, ଖେଳ ଶିକ୍ଷକ ନିରଞ୍ଜନ ପ୍ରଧାନ ଓ ମହାବିଦ୍ୟାଳୟର ସମସ୍ତ କର୍ମଚାରୀ ଉପସ୍ଥିତ ରହି ସହଯୋଗ କରିଥିଲେ।



ଶିବିରରେ ତାଲିମ ନେଉଥିବା ଛାତ୍ରୀମାନେ।

# ୨୭୫ଙ୍କୁ ଭିନ୍ନକ୍ଷମ ପ୍ରମାଣପତ୍ର

**ଅନୁଗୋଳ ଅଫିସ,୫।୪**




ଶିବିରରେ ମଞ୍ଚାସୀନ ଅତିଥିମାନେ।

ଅନୁଗୋଳ ଜିଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ତରଫରୁ ଅନୁଗୋଳ ବ୍ଲକସ୍ତରୀୟ ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଗୋଳ ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଦିଲୀପ କୁମାର ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି ଶିବିରକୁ ଉଦ୍‌ଘାଟନ କରିଥିଲେ। ସରକାରଙ୍କ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନାର ଠିକ୍ କାର୍ଯ୍ୟକାରିତା ଉପରେ ସେ ଗୁରୁତ୍ୱାରୋପ କରିବା ସହ ଭିନ୍ନକ୍ଷମମାନଙ୍କ ସବୁ କ୍ଷେତ୍ରରେ ଦକ୍ଷତା କିପରି ବୃଦ୍ଧି ହେବ ସେଥିପାଇଁ ପଦକ୍ଷେପ ନେବାକୁ ପରାମର୍ଶ ଦେଇଥିଲେ। ଏଣିକି ଭିନ୍ନକ୍ଷମ ପ୍ରମାଣପତ୍ରକୁ ଡିଜିଟାଲ କରାଯିବ ବୋଲି କହିଥିଲେ। ଏହି ଶିବିରରେ ୫୪୮ ଜଣଙ୍କୁ ବିଭିନ୍ନ ସହାୟତା ଓ ୨୭୫ ଜଣଙ୍କୁ ଭିନ୍ନକ୍ଷମ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ସମ୍ମାନିତ ଅତିଥି ଭାବେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସନ୍ଧ୍ୟାଳୀ ମାଝି, ପଞ୍ଚାୟତ ସମିତି ଉପାଧ୍ୟକ୍ଷ ପ୍ରକାଶ ଚନ୍ଦ୍ର ପ୍ରଧାନ, ଜିଲା ସାମାଜିକ ନିରାପତ୍ତା ଅଧିକାରୀ ନାରାୟଣ ମହାପାତ୍ର ଯୋଗ ଦେଇଥିଲେ। ବ୍ଲକ ସାମାଜିକ ନିରାପତ୍ତା ଅଧିକାରୀ ତ୍ରିଦିବେସ ଦଳବେହେରା ପରିଚାଳନା କରିଥିଲେ। ଉପଖଣ୍ଡ ସାମାଜିକ ନିରାପତ୍ତା ଅଧିକାରୀ ମନୋରମା ମହାପାତ୍ର ସହଯୋଗ କରିଥିଲେ। ଇଏନ୍‌ଟି ବିଶେଷଜ୍ଞ ଡା. ପି.କେ. ମହାନ୍ତି, ଅସ୍ଥିଶଲ୍ୟ ବିଶେଷଜ୍ଞ ଡା. ଜ୍ଞାନ ରଞ୍ଜନ ବିଶ୍ୱାଳ, ଚକ୍ଷୁ ବିଶେଷଜ୍ଞ ଡା. ଏନ୍.ଏମ୍. ପ୍ରଧାନ, ଭେଷଜ ବିଶେଷଜ୍ଞ ଡା. ଡି. ସାହୁ, ଶିଶୁ ବିଶେଷଜ୍ଞ ଡା. ଏନ୍.କେ. ସାହୁ ପ୍ରମୁଖ ଯୋଗ ଦେଇଥିଲେ।

## ବୁଲିଲା ଶିକ୍ଷା ସଚେତନତା ରଥ

**ମାଧପୁର,୫।୪**

କୋଭିଡ୍ ପରେ ବିଦ୍ୟାଳୟକୁ ଆସିବା ଏବଂ ପାଠ ପଢ଼ିବା ପାଇଁ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଆଗ୍ରହ ସୃଷ୍ଟି କରିବା ନିମନ୍ତେ ଶିକ୍ଷା ବିଭାଗ ତରଫରୁ ଶିକ୍ଷା ସଚେତନତା ରଥର ଶୁଭାରମ୍ଭ କରାଯାଇଛି। ଉକ୍ତ ରଥକୁ ମଙ୍ଗଳବାର ଆଠମଲ୍ଲିକ ବ୍ଲକ ମାଧପୁର ଅଞ୍ଚଳରେ ସ୍ୱାଗତ କରାଯାଇଛି। ବିଦ୍ୟାଳୟ ଗୁଡ଼ିକରେ ଶୁଭ କଳସ ସ୍ଥାପନ ସହିତ ଫୁଲ, ଦୂବ ଦେଇ ଏହି ରଥକୁ ସ୍ୱାଗତ କରାଯାଉଥିବା ଦେଖାଯାଇଛି। ବିଭିନ୍ନ ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକ ଏବଂ ଛାତ୍ରୀଛାତ୍ରମାନେ ଏହି କାର୍ଯ୍ୟକ୍ରମରେ ସାମିଲ ଥିଲେ।



